## ସଂକ୍ଷେପରେ

### ବଜ୍ରପାତରେ ୮ ଗୋରୁ ମୃତ



ଭୁବନ, ୨୯।୯(ଡି.ଏନ୍.ଏ.): ଢେଙ୍କାନାଳ ଜିଲା ଭୁବନ ବ୍ଲକ ଭୂଷଳ ଗ୍ରାମ ନିକଟ ବ୍ରାହ୍ମଣୀ ନଦୀପଠାରେ ବୁଧବାର ଅପରାହ୍ନରେ ବଜ୍ରପାତ ଘଟି ୮ ଗୋରୁଙ୍କ ମୃତ୍ୟୁ ଘଟିଛି। ଗୋରୁ ପଲ ଚରୁଥିବାବେଳେ ହଠାତ୍ ମୂଷଳ ଧାରାରେ ବର୍ଷା ହୋଇଥିଲା। ଏକ ଗଛ ମୂଳେ ଗୋରୁପଲ ଆଶ୍ରୟ ନେଇଥିବାବେଳେ ବଜ୍ରପାତ ହୋଇଥିଲା। ମୃତ ଗୋରୁଗୁଡ଼ିକ ମଧ୍ୟରେ ଭୂଷଳ ଗ୍ରାମର ନିରାକାର ମାହୁନ୍ତଙ୍କ ୨ଟି ଗାଈ, ଭଞ୍ଜ ମଲିକଙ୍କ ଗୋଟିଏ ଗାଈ, ସତ୍ୟାନନ୍ଦ ମିଶ୍ରଙ୍କ ଗୋଟିଏ ଗାଈ, ଶଶିଶେଖର ପାଣିଗ୍ରାହୀ ଗୋଟିଏ ଗାଈ, ପ୍ରଫୁଲ୍ଲ ଦାସଙ୍କ ଗୋଟିଏ ଗାଈ, ପ୍ରେମାନନ୍ଦ ଦାଶଙ୍କ ଗୋଟିଏ ବାଛୁରି ରହିଛି। ଅନ୍ୟ ଗୋଟିଏ ମୃତ ଗାଈ କାହାର ତାହା ଜଣାପଡ଼ିନାହିଁ। ସୂଚନାପାଇ ରାଜସ୍ୱ ନୀରିକ୍ଷକ ସଦଳବଳ ପହଞ୍ଚି ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ବ୍ୟବଚ୍ଛେଦ ପରେ ଗୋରୁ ମାଲିକଙ୍କୁ କ୍ଷତିପୂରଣ ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

### ୫ ଆକ୍ରାନ୍ତ, ୫ ସୁସ୍ଥ

ଢେଙ୍କାନାଳ ଅଫିସ, ୨୯।୯: ଢେଙ୍କାନାଳ ଜିଲାରୁ ବୁଧବାର ୫ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୫ଜଣ ସୁସ୍ଥ ହୋଇଛନ୍ତି। ସଂକ୍ରମିତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ୨, ସଦର ବ୍ଲକର ୨ ଏବଂ ଓଡ଼ାପଡ଼ା ବ୍ଲକର ଜଣେ ରହିଛନ୍ତି। ଜିଲାରେ ସକ୍ରିୟ ମାମଲା ୩୯ ରହିଛି। ସେହିପରି କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୨୪୨ରେ ସ୍ଥିର ଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### କୃଷି ବିଜ୍ଞାନ କୌଶଳ ଅଭିଯାନ

**ଢେଙ୍କାନାଳ ଅଫିସ, ୨୯।୯:** ଢେଙ୍କାନାଳ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଜଳବାୟୁ ସହିଷ୍ଣୁ କୃଷି ବିଜ୍ଞାନ କୌଶଳ ଓ ପଦ୍ଧତିର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଦଳୁଥିବା ଜଳବାୟୁ ଅନୁଯାୟୀ ଫସଲ, ଉନ୍ନତ କିସମର ବିହନ, ଚାଷ ପଦ୍ଧତିରେ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ ଭଳି ବିଭିନ୍ନ ପ୍ରସଙ୍ଗରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ୫୫ କୃଷକ ଏବଂ ମହିଳା କୃଷିଜୀବୀ ଅଂଶଗ୍ରହଣ କରିଥିଲେ। ସର୍ବଭାରତୀୟସ୍ତରରେ ଏହି ଅଭିଯାନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ୩୫ ଫସଲ କିସମର ଉନ୍ମୋଚନ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ବିମଳେନ୍ଦୁ ମହାନ୍ତି, ବୈଜ୍ଞାନିକ ଦିବ୍ୟସୁନ୍ଦର କର, ଡ. ରୋଶନୀବାଳା ନାୟକ, ଶେଫାଳି ରାଉତ, ସଂଘମିତ୍ରା ସାହୁ, ଯଶୋବନ୍ତ ସାହୁ, ବିରଜା ପ୍ରସାଦ ଜେନା, ପୁନମ ମହାନ୍ତି, ଶୁଭଜିତ ଧର, ଅହଲ୍ୟା ବରାଳ ପ୍ରମୁଖ ସହଯୋଗ କରିଥିଲେ।

# ହାତୀଙ୍କ ଚରାଭୂଇଁ ହଳଦିଆବାହାଳ



ହଳଦିଆବାହାଳ ଅଞ୍ଚଳରେ ଡେରା ପକାଇଥିବା ହାତୀପଲ।

ଢେଙ୍କାନାଳ ଅଫିସ, ୨୯।୯

■ଦୈନିକ ୨ ଥର ପାର ହେଉଛନ୍ତି ଜାତୀୟ ରାଜପଥ
■ଭିଡ଼ ନିୟନ୍ତ୍ରଣ କରିବାକୁ ଯାଇ ବନ କର୍ମଚାରୀ ନୟାନ୍ତ
■ଗ୍ରହଣ କରାଯାଉନି ସ୍ଥାୟୀ ପଦକ୍ଷେପ, ବଢୁଛି ଉପଦ୍ରବ

ଢେଙ୍କାନାଳ ଜିଲା ସଦର ରେଞ୍ଜ୍ ଓଡ଼ାପଡ଼ା ବ୍ଲକର ହଳଦିଆବାହାଳ ପାଲଟିଛି ହାତୀଙ୍କ ଚରାଭୂଇଁ। ଅଞ୍ଚଳ ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥକୁ ଦୈନିକ ଦୁଇଥର ହାତୀ ପାର୍ ହେଉଛନ୍ତି। ହାତୀଙ୍କ ସମାଗମ ଦେଖିବାକୁ ପଥଚାରୀ ଭିଡ଼ ଲଗାଉଥିବାବେଳେ ସେମାନଙ୍କୁ ଘଉଡ଼ାଇବାକୁ ଯାଇ ନୟାନ୍ତ ହେଉଛନ୍ତି ବନ କର୍ମଚାରୀ। ଅନ୍ୟପଟେ ପାଖାପାଖି ୩୦ ହାତୀ ବର୍ଷତମାମ ଫସଲ ନଷ୍ଟ କରୁଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ବନ ବିଭାଗ ପକ୍ଷରୁ ହାତୀ ଉପଦ୍ରବର ସ୍ଥାୟୀ ପ୍ରତିକାର କରାଯାଉ ନ ଥିବାରୁ ଧନଜୀବନ ହାନି ହେଉଥିବା ବେଳେ ଅଞ୍ଚଳବାସୀ ଭୟ ଆତଙ୍କରେ ଦିନ କାଟୁଛନ୍ତି।

ହଳଦିଆବାହାଳ ନିକଟ ଜଙ୍ଗଲରେ ଦୀର୍ଘଦିନ ହେଲା ଡେରା ପକାଇଛନ୍ତି ୨୯ ହାତୀ। ଏହି ହାତୀପଲ ସକାଳେ ଏବଂ ସନ୍ଧ୍ୟାରେ ନିୟମିତ ୫୫ନଂ. ଜାତୀୟ ରାଜପଥ ପାର ହେଉଛନ୍ତି। ଜଙ୍ଗଲରୁ ହାତୀମାନେ ଧାଡ଼ିବାନ୍ଧି ରାସ୍ତା ପାର ହୋଇ ଖାଦ୍ୟ ଅନ୍ୱେଷଣରେ ବ୍ରାହ୍ମଣୀ ନଦୀ କୂଳରେ ଘୂରି ବୁଲୁଛନ୍ତି। ଅନେକ ସମୟରେ ନଦୀ ପାର୍ ହୋଇ ପରଜଙ୍ଗ ବ୍ଲକ ମହାବିରୋଡ ରେଞ୍ଜ୍‌କୁ ଯାଇ ପୁଣି ଅପରାହ୍ନରେ ପ୍ରାକୃତିକ ଆବାସସ୍ଥଳୀକୁ ଫେରି ଆସୁଛନ୍ତି। ଜାତୀୟ ରାଜପଥରେ ଅଣ୍ଡରପାସ୍ ନ ଥିବାରୁ ହାତୀମାନେ ରାସ୍ତାକୁ ଚଲାପଥ ଭାବେ ବ୍ୟବହାର କରୁଥିବା ପରିବେଶବିତ୍‌ମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ହାତୀଙ୍କ କୌତୁକିଆ ଗତିବିଧି ଦେଖିବାକୁ ପଥଚାରୀ, ଗାଡ଼ିଚାଳକ ଭିଡ଼ ଜମାଉଛନ୍ତି। କୌଣସି ସମୟରେ ଅଘଟଣ ଘଟିବା ଆଶଙ୍କା ଥିବାରୁ ବନ କର୍ମଚାରୀ ହାତୀ ଗତିବିଧି କରୁଥିବା ଅଞ୍ଚଳରେ ଜଗି ରହୁଛନ୍ତି।

ହଳଦିଆବାହାଳ ନିକଟସ୍ଥ ନିମିଧା ସମେତ ନିକଟବର୍ତ୍ତୀ ଜଙ୍ଗଲ ହାତୀପଲ ପାଇଁ ସୁରକ୍ଷିତ ଆବାସସ୍ଥଳୀ ପାଲଟିଛି। ସେଠାରୁ ହାତୀପଲ ବିଭିନ୍ନ ଭାଗରେ ବିଭକ୍ତ ହୋଇ ପରଜଙ୍ଗ, ହିନ୍ଦୋଳ ରେଞ୍ଜକୁ ଯାଉଛନ୍ତି। ହାତୀ ମୁହଁରୁ ଫସଲ ସୁରକ୍ଷା ଲାଗି ବନ ବିଭାଗ ପକ୍ଷରୁ ସ୍ଥାୟୀ ପ୍ରତିକାର କରାଯାଉନାହିଁ। ଫଳରେ ହାତୀ ଉପଦ୍ରବରେ ବ୍ୟାପକ ଫସଲ ହାନି ହେଉଛି। ସନ୍ଧ୍ୟାହେଲେ ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହୋଉଛି। ହାତୀ-ମଣିଷ ସଂଘର୍ଷ ବଢୁଥିବାରୁ ଆଇନଶୃଙ୍ଖଳା ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଛି।

### ଘଞ୍ଚ ଜଙ୍ଗଲକୁ ସୁରକ୍ଷିତ ମଣୁଛନ୍ତି



“ରୁଙ୍ଗ୍‌ଟା କମ୍ପାନୀ ନିକଟରେ ଥିବା ଘଞ୍ଚ ଜଙ୍ଗଲକୁ ହାତୀପଲ ସୁରକ୍ଷିତ ମଣୁଛନ୍ତି। ତେଣୁ ସେଠାରେ ବର୍ଷତମାମ ରହୁଛନ୍ତି। ବ୍ରାହ୍ମଣୀ ନଦୀ ପଠା ଏବଂ ମହାବିରୋଡ ରେଞ୍ଜ୍‌ରେ ପର୍ଯ୍ୟାପ୍ତ ଖାଦ୍ୟ ଉପଲବ୍ଧ ଥିବାରୁ ସେମାନେ ନିୟମିତ ଉକ୍ତ ଅଞ୍ଚଳକୁ ଯାଉଛନ୍ତି। ଖାଦ୍ୟ ଖାଇ ସାରିବା ପରେ ନଦୀରୁ ପାଣିପିଇ ରାଜପଥ ପାରହୋଇ ଜଙ୍ଗଲକୁ ଫେରୁଛନ୍ତି।

–ଅରବିନ୍ଦ ମାଝି, ବନ୍ୟପ୍ରାଣୀ ସଙ୍ଗଠନ କର୍ମକର୍ତ୍ତା

### ଅଣ୍ଡରପାସ୍ ନିର୍ମାଣ ଜରୁରୀ



“୫୫ନଂ. ଜାତୀୟ ରାଜପଥରେ ଦୈନିକ ହାତୀପଲ ପାର ହେଉଛନ୍ତି। ଏହାଦ୍ୱାରା ଉଭୟ ହାତୀ ଏବଂ ମଣିଷ ଜୀବନକୁ ଭୟ ରହିଛି। ହାତୀ ଚଲାପଥ ଭାବେ ଚିହ୍ନଟ ହୋଇଥିବା ଉକ୍ତ ସ୍ଥାନରେ ଏକ ଅଣ୍ଡରପାସ୍ ନିର୍ମାଣ ଜରୁରୀ ହୋଇପଡ଼ିଛି। ଏ ଦିଗରେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଏବଂ ବନ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେବା ଉଚିତ।

–ପ୍ରଦ୍ୟୁମ୍ନ ରଥ, ପରିବେଶବିତ୍

### ନଦୀକୂଳିଆ ଘାସ ହାତୀଙ୍କ ପସନ୍ଦ



“ହାତୀପଲ ଗୋଟିଏ ସ୍ଥାନରେ ଅଧିକ ସମୟ ରୁହନ୍ତି ନାହିଁ। ହଳଦିଆବାହାଳ ଜଙ୍ଗଲରେ ରହୁଥିବା ହାତୀମାନେ ମଠରଗଡ଼ି, ନିମିଧା ଜଙ୍ଗଲକୁ ଆସୁଛନ୍ତି। ବ୍ରାହ୍ମଣୀ ନଦୀ ପଠାରେ ହୋଇଥିବା ମନପସନ୍ଦର ଘାସକୁ ଖାଦ୍ୟ ଭାବେ ଗ୍ରହଣ କରୁଛନ୍ତି। ବନ କର୍ମଚାରୀ, ହାତୀ ସ୍କାଡ୍ କର୍ମଚାରୀ ହାତୀଙ୍କ ଗତିବିଧି ଉପରେ ନଜର ରଖୁଛନ୍ତି।

–ଡ. ପ୍ରକାଶଚାନ୍ଦ ଗୋଗିନେନି, ଡିଏଫ୍‌ଓ, ଢେଙ୍କାନାଳ

## ଜିଆଇ ଟ୍ୟାଗ୍ ଦୌଡ଼ରେ କୁଚିଣ୍ଡା ଲଙ୍କା

ସମ୍ବଲପୁର, ୨୯।୯(ବ୍ୟୁରୋ)

ସମ୍ବଲପୁର ଜିଲା କୁଚିଣ୍ଡା ଲଙ୍କା ଜିଆଇ (ଜିଓଗ୍ରାଫିକାଲ ଇଣ୍ଡିକେଶନ) ଟ୍ୟାଗ୍ ଦୌଡ଼ରେ ରହିଛି। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ରେଢ଼ାଖୋଲ ଏନ୍‌ଏସିରେ ଏକ୍‌ଜିକ୍ୟୁଟିଭ୍ ଅଫିସର ଥିବା ଆଇଏଏସ୍ (ଶିକ୍ଷାନବିସ) ଆଶୁତୋଷ କୁଲକର୍ନି ନିଜସ୍ୱ ଉଦ୍ୟମରେ ଜିଆଇ ଟ୍ୟାଗ୍ ପାଇଁ ଆବେଦନ କରିଛନ୍ତି। ପୂର୍ବରୁ କୁଚିଣ୍ଡା ଉପଖଣ୍ଡରେ ଉତ୍ପାଦିତ ଲଙ୍କାର ଆକାର, ଆକର୍ଷଣକୁ ନେଇ ରାଜ୍ୟ ତଥା ରାଜ୍ୟ ବାହାର ଟ୍ରେଡରମାନେ ଏଠାକୁ କିଣିବାକୁ ଆସୁଥିଲେ। ଏବେ ଜିଆଇ ଟ୍ୟାଗ୍ ମିଳିଲେ ବଜାରରେ ଲଙ୍କାର ମାନ ଆହୁରି ବୃଦ୍ଧି ପାଇବ। ଏହା ଦ୍ୱାରା ଚାଷୀଙ୍କୁ ଉଚିତ ମୂଲ୍ୟ ମିଳିପାରିବ ବୋଲି ଆଶା କରାଯାଉଛି।

ଏ ସମ୍ପର୍କରେ ଓର୍‌ମାସ ଜିଲା ସଂଯୋଜକ ଶ୍ରୀମନ୍ତ ହୋତା କହିଛନ୍ତି, କୁଚିଣ୍ଡା ଅଞ୍ଚଳରେ ରବି ଓ ଖରିଫ ସମୟରେ ପ୍ରାୟ ୭୮୪୫ ହେକ୍ଟର ଜମିରେ ଲଙ୍କା ଚାଷ ହୋଇଥାଏ। ୧୨ ହଜାର ଚାଷୀ ଲଙ୍କାଚାଷ କରନ୍ତି। କୁଇଣ୍ଟାଲ ପିଛା ୩ ହଜାରରୁ ୩୫ ଶହ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରନ୍ତି। ସ୍ୱାବଲମ୍ବୀ ହୋଇ ଚାଷ ପରିମାଣ ବୃଦ୍ଧି କରିବା ପାଇଁ କିଛିବର୍ଷ ହେବ ଲଙ୍କା ଗୁଣ୍ଡ ତିଆରି କରିବା ପ୍ଲାଣ୍ଟ ନିର୍ମାଣ କରାଯାଇଛି। ଏସ୍‌ଏଚ୍‌ଜି ମହିଳାମାନେ ତାଲିମ ନେଇ ଲଙ୍କାଗୁଣ୍ଡ ତିଆରି କରୁଛନ୍ତି। ପ୍ଲାଣ୍ଟ ହେବା ଫଳରେ ଚାଷୀମାନେ ଉଚିତ ଦର ପାଇପାରୁଛନ୍ତି। ଏବେ ଅଧିକ ବଜାର ସୁବିଧା ପାଇଁ ଜିଆଇ ଟ୍ୟାଗ୍ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି।

# ୧୩.୭୩ ଗ୍ରାମ୍ ବ୍ରାଉନସୁଗାର ଜବତ

ଢେଙ୍କାନାଳ ଅଫିସ, ୨୯।୯



ଗିରଫ ଅଭିଯୁକ୍ତ ଏବଂ ଜବତ ହୋଇଥିବା ଡିଜିଟାଲ ମେଶିନ।




■ଘରେ ଚାଲିଥିଲା କାରବାର
■ବନ୍ଧା ହେଲେ ମା’, ବାପା, ପୁଅ
■ଡିଜିଟାଲ ଓଜନ ମେଶିନ ଜବତ

ଢେଙ୍କାନାଳ ସହର ବାଜିଚୌକ ହାଉସିଂବୋର୍ଡ କଲୋନୀରୁ ବୁଧବାର ଟାଉନ ଥାନା ପୋଲିସ ୧୩.୭୩ ଗ୍ରାମ୍ ବ୍ରାଉନ ସୁଗାର ଜବତ କରିଛି। ଏହି ଘଟଣାରେ ଗୋଟିଏ ପରିବାରର ମା’, ବାପା ଏବଂ ପୁଅଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ଦୀଲେଶ୍ୱର ବେହେରା ଓରଫ୍ ଦିଲୁ (୨୫), ତାଙ୍କ ବାପା ଅଭୟ ବେହେରା (୫୫) ଏବଂ ମା’ ବଦନି ବେହେରା (୫୦)। ଘଟଣାସ୍ଥଳରୁ ଆଲୁମିନିୟମ ଫଏଲ ରୋଲ୍, ଡିଜିଟାଲ ଓଜନ ମେଶିନ, ୯ଟି ନାଲି ରଙ୍ଗର ପେପର ପିସ୍, ୧୭ଟି ଗୋଲାପୀ ପେପେର ପିସ୍, ୪ଟି ବ୍ଲେଜ୍ କଲର ପ୍ରିଣ୍ଟେଡ୍ ପେପର ପିସ୍ ଜବତ କରାଯାଇଛି। ଘରେ ଧଳାଜହର କାରବାର ଚାଲିଥିବା ସୂଚନା ପାଇ ଟାଉନ ଥାନାଧିକାରୀ ନମିତା ନାୟକ ନିର୍ବାହୀ ମାଜିଷ୍ଟ୍ରେଟ୍ ଏବଂ ପୋଲିସ ସହ ଅତର୍କିତ ଚଢ଼ାଉ କରିଥିଲେ। ଏ ସଂକ୍ରାନ୍ତରେ ନଂ. ୩୯୭/୨୧, ଦଫା ୨୧ (ବି) ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ କରାଯାଇଛି। ଜବତ ବ୍ରାଉନ ସୁଗାର ମୂଲ୍ୟ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂତ୍ରରୁ ଜଣାପଡ଼ିଛି । ଅଭିଯୁକ୍ତଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି।

ଢେଙ୍କାନାଳ ସହରରେ ବ୍ରାଉନ ସୁଗାର କାରବାର ବଢ଼ିବାରେ ଲାଗିଛି। ଯୁବପିଢ଼ି ଏହାଦ୍ୱାରା ଅତିମାତ୍ରାରେ ପ୍ରଭାବିତ ହେଉଛନ୍ତି। ତେବେ ବର୍ଷକ ମଧ୍ୟରେ ପୋଲିସ ପକ୍ଷରୁ ବ୍ରାଉନସୁଗାର କାରବାରକୁ ନେଇ ମାତ୍ର ୨ଟି ମାମଲା ରୁଜୁ ହୋଇଛି। ନିକଟରେ ବିଧାୟକ ସୁଧୀର କୁମାର ସାମଲ ଏକ କାର୍ଯ୍ୟକ୍ରମରେ ଏହାକୁ ନେଇ ଉଦ୍‌ବେଗ ବ୍ୟକ୍ତ କରିବା ସହ ଏଭଳି ନିଶା କାରବାରକୁ ରୋକିବା ଲାଗି ପଦକ୍ଷେପ ନେବାକୁ ପୋଲିସ ପ୍ରଶାସନକୁ ପରାମର୍ଶ ଦେଇଥିଲେ।

## ୨୦୨୨ରେ ଲକ୍ଷ୍ମୀବଜାର ହୀରକ ଜୟନ୍ତୀ

ଢେଙ୍କାନାଳ ଅଫିସ, ୨୯।୯

ଆସନ୍ତା ବର୍ଷ ଢେଙ୍କାନାଳର ଶ୍ରୀ ମହାଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ପାଳିବ ହୀରକ ଜୟନ୍ତୀ। ଏଥିସହ ମା’ଙ୍କ ଚାନ୍ଦିମେଢ଼ ମଧ୍ୟ କରାଯିବ। ଏଥିଲାଗି ଚଳିତ ବର୍ଷଠାରୁ ଆରମ୍ଭ ହୋଇଛି ପ୍ରସ୍ତୁତି। ଏଥିସହ ଚଳିତ ପୂଜା ପାଇଁ ପୂଜା ପ୍ରତିଷ୍ଠାନର ନୂତନ କର୍ମକର୍ତ୍ତା ଚୟନ ସ୍ଥାନୀୟ ଲକ୍ଷ୍ମୀମଣ୍ଡପଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଭାପତି ଜଗଦୀଶ ପ୍ରସାଦ ଅଗ୍ରୱାଲ ଅଧ୍ୟକ୍ଷତା କରିଥିଲେ। ସଭାପତି ଭାବେ ଜଗଦୀଶ ପ୍ରସାଦ ଅଗ୍ରୱାଲ, କାର୍ଯ୍ୟକାରୀ ସଭାପତି ରଙ୍ଗାଧର ପାତ୍ର, ଉପସଭାପତି ଦେବାଶିଷ ବେହେରା, ରାଜେଶ କୁମାର ସୋନି, ସାଧାରଣ ସମ୍ପାଦକ ରବିନାରାୟଣ ବେହେରା, ସତ୍ୟସ୍ୱରୂପ ଦାସ, ମାୟାଧର ପାତ୍ର, କୋଷାଧ୍ୟକ୍ଷ ଭାବେ ପ୍ରଭାକର ବେହେରା ଚୟନ ହୋଇଛନ୍ତି। ପ୍ରାରମ୍ଭରେ ପୂଜା ପ୍ରତିଷ୍ଠାନର ପୂର୍ବତନ ସଦସ୍ୟ ସନ୍ତୋଷ କୁମାର ସାହୁ, ଦିଲୁ କାନୁନ୍‌ଗୋ, ମେଢ଼ କାରିଗର ଶଶିକାନ୍ତ ସିଂଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ଚଳିତବର୍ଷ କୋଭିଡ୍ ନିୟମ ପାଳନ କରି ପୂଜା ହେବ ବୋଲି ନିଷ୍ପତ୍ତି ନିଆଯାଇଛି।



ଲକ୍ଷ୍ମୀବଜାର ପୂଜା ପ୍ରତିଷ୍ଠାନର ନୂତନ କର୍ମକର୍ତ୍ତାମାନେ।

# ଲୋକନୃତ୍ୟରେ ଦୁଲୁକିଲା ମଞ୍ଚ

ଢେଙ୍କାନାଳ ଅଫିସ, ୨୯।୯

**ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଲୋକକଳା ପ୍ରତିଯୋଗିତା**

ଢେଙ୍କାନାଳ ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର ପରିସରରେ ବୁଧବାର ପୂର୍ବାହ୍ନ ସାଢ଼େ ୧୦ଟାରେ ପ୍ରଥମ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଲୋକକଳା ଟ୍ରଫି-୨୦୨୧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କଳା ସଂସ୍କୃତି ସଂଘର ଉପସଭାପତି ଅବନୀ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କହିଲେ, ଓଡ଼ିଶାର ଲୋକକଳା ଏବଂ ଏହାର ଆବଶ୍ୟକତାକୁ ନେଇ ମୁଖ୍ୟମନ୍ତ୍ରୀ ଅନେକ ଦୃଷ୍ଟାନ୍ତମୂଳକ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି। ତେଣୁ ରାଜ୍ୟରେ ଲୋକକଳା ଓ କଳାକାର ଅଧିକ କ୍ରିୟାଶୀଳ ହୋଇପାରିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ଜିଲାପାଳ ପ୍ରମୋଦ କୁମାର ଦଳବେହେରା ଲୋକକଳାର ବିଭବ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ, ଭୁବନ ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ଅଶୋକ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଉପଲକ୍ଷେ ବିଭିନ୍ନ ବ୍ଲକରୁ ଚୟନ ହୋଇ ଆସିଥିବା ଲୋକକଳା ଦଳ ମଧ୍ୟରେ ପାଇକ ଖେଳ, ଦଣ୍ଡ, ପାଲା, ଆଦିବାସୀ ନୃତ୍ୟ, ଖଞ୍ଜଣି ଭଜନ ପରିବେଷଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆର୍ଯ୍ୟରତ୍ନ ଚକ୍ରଧର ସାହୁ, ଯାମିନୀ ରଞ୍ଜନ ଦାସ, ଉମ୍ବରୁଧର ବିଶ୍ୱାଳ ବିଚାରକ ଦାୟିତ୍ୱରେ ରହିଥିଲେ। ଶ୍ରେଷ୍ଠ ଦଳ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଦୁର୍ଯ୍ୟୋଧନ ଜେନା, ତରୁଣ ପାତ୍ର, ବିମଳ ବିଶ୍ୱାଳ, ସନ୍ତୋଷ ସ୍ୱାଇଁ, କପିଳେଶ୍ୱର ବେହେରା, ପ୍ରଭାକର ନାଥ, ବିଭୂତି ଭୂଷଣ ବିଶ୍ୱାଳଙ୍କ ସମେତ ବିଭିନ୍ନ ବ୍ଲକର କାର୍ଯ୍ୟକର୍ତ୍ତାମାନେ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କଳାକାରମାନେ।

# ପୁରୁଣା ଲୁହା ପରିବହନ ବନ୍ଦ ଦାବି

ଢେଙ୍କାନାଳ ଅଫିସ, ୨୯।୯

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଗଡ଼ଗ୍ରପ୍ରସାଦରେ ବନ୍ଦ ପଡ଼ିଥିବା ଲାନ୍‌କୋ ବାବଦ୍ଧ ପାୱାର କମ୍ପାନୀ ବିକ୍ରି ଲାଗି ସବୁଜ ସଙ୍କେତ ଦେଇଛି ଜାତୀୟ କମ୍ପାନୀ ଆଇନ ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଏଟି)। ଅନ୍ୟପଟେ ବିଭିନ୍ନ ଦାବି ନେଇ ଆଞ୍ଚଳିକ କ୍ଷତିଗ୍ରସ୍ତ ପ୍ରଜାସଂଘ ନିଜ ଜିଦ୍‌ରେ ଅଟଳ ରହିଛି। ଏହାକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ଏହି କାରଣରୁ ମଙ୍ଗଳବାର ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ତ୍ରିପାକ୍ଷିକ ବୈଠକ ବିଫଳ ହୋଇଛି। ଅନ୍ୟପଟେ ଚୂଡ଼ାନ୍ତ ନିଷ୍ପତ୍ତି ନ ହେବା ଯାଏ କମ୍ପାନୀରେ ଗଚ୍ଛିତ ପୁରୁଣା ଲୁହା ପରିବହନ ବନ୍ଦ କରିବାକୁ କ୍ଷତିଗ୍ରସ୍ତ ପ୍ରଜାସଂଘ ପକ୍ଷରୁ ଦାବି କରାଯାଇଛି।

ଜିଲା କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ବୈଠକରେ ଜିଲାପାଳ ସରୋଜ କୁମାର ସେଠୀ, କମ୍ପାନୀର କର୍ମକର୍ତ୍ତା, ଏନ୍‌ସିଏଲ୍‌ଏଟି ଅଧିବକ୍ତା, ଆଞ୍ଚଳିକ କ୍ଷତିଗ୍ରସ୍ତ ପ୍ରଜାସଂଘର କର୍ମକର୍ତ୍ତା ଏବଂ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଜାତୀୟ କମ୍ପାନୀ ଆଇନ ଟ୍ରିବୁନାଲ ଉକ୍ତ କମ୍ପାନୀକୁ ବିକ୍ରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତଦନୁଯାୟୀ ଏହି ପ୍ରକ୍ରିୟା ହେବା ଉଚିତ ବୋଲି ଅଧିବକ୍ତା ଯୁକ୍ତି ବାଢ଼ିଥିଲେ। ସେହିପରି ଆଞ୍ଚଳିକ କ୍ଷତିଗ୍ରସ୍ତ ପ୍ରଜା ସଂଘର ଆଇନ ପରାମର୍ଶଦାତା ପଙ୍କଜ ଲୋଚନ ସାହୁ ଏ ସଂକ୍ରାନ୍ତରେ ପକ୍ଷ ରଖି କହିଲେ, ଅନେକ ଜମିହରାଙ୍କୁ ଜମି ବାବଦ ବକେୟା ଟଙ୍କା ଦିଆଯାଇନାହିଁ।



ବୈଠକରେ ଯୋଗ ଦେଇଥିବା ଆଞ୍ଚଳିକ କ୍ଷତିଗ୍ରସ୍ତ ପ୍ରଜାସଂଘର କର୍ମକର୍ତ୍ତାମାନେ।

କମ୍ପାନୀର ପ୍ରତିଶ୍ରୁତି ଅନୁଯାୟୀ ପରୋକ୍ଷ ଏବଂ ପ୍ରତ୍ୟକ୍ଷରେ ନିଯୁକ୍ତି ମଧ୍ୟ ମିଳିନାହିଁ। କୌଣସି ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ ହୋଇ ନ ଥିବାରୁ କ୍ଷତିଗ୍ରସ୍ତଙ୍କୁ ସେମାନଙ୍କ ଜମି ଫେରାଇଦେବା ଉଚିତ। ଜମି ଅଧିଗ୍ରହଣ ଆଇନ ଧାରା ୧୦୧ ଅନୁଯାୟୀ ଯେଉଁ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ ହୋଇଥିଲା, ତାହା ଫଳପ୍ରଦ ହୋଇନାହିଁ। ତେଣୁ କୌଣସି ପରିସ୍ଥିତିରେ ଉକ୍ତ ଜମି ଅନ୍ୟ କୌଣସି ମାଲିକାନାକୁ ହସ୍ତାନ୍ତର ହୋଇପାରିବ ନାହିଁ ବୋଲି ପ୍ରଜାସଂଘ ପକ୍ଷରୁ ଦାବି କରାଯାଇଛି। ସେହିପରି ବନ୍ଦ ପଡ଼ିଥିବା କମ୍ପାନୀ ପରିସରରୁ ପୁରୁଣା ଲୁହା ନେବା ପାଇଁ ଠିକାସଂସ୍ଥାକୁ ଅନୁମତି ଦିଆଯାଇଛି। ଏ ସଂକ୍ରାନ୍ତରେ କୌଣସି ନିଷ୍ପତ୍ତି ନ ହେବା ଯାଏ ଉକ୍ତ କାମକୁ ବନ୍ଦ ରଖିବାକୁ ପ୍ରଜା ସଂଘ ପକ୍ଷରୁ ଦୃଢ଼ ଦାବି କରାଯାଇଛି। ବୈଠକରେ ଓଡ଼ାପଡ଼ା ବ୍ଲକ ବିଡିଓ ଦାଶରଥି ଜେନା, ତହସିଲଦାର ବାଣୀନିବେଦିତା ସ୍ୱାଇଁ, ପ୍ରଜାସଂଘ ସଭାପତି ଗଙ୍ଗାଧର ସାମଲ, ସମ୍ପାଦକ ବିଜୟ କୁମାର ଧଳ, ଆଇନ ପରାମର୍ଶଦାତା ପଙ୍କଜ ଲୋଚନ ସାହୁ, ଅଖିଳ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

■ଲାନ୍‌କୋ ପାୱାର କମ୍ପାନୀ ବିକ୍ରି ମାମଲା
■ଜିଦ୍‌ରେ ଅଟଳ ଆଞ୍ଚଳିକ କ୍ଷତିଗ୍ରସ୍ତ ପ୍ରଜା ସଂଘ
■ତ୍ରିପାକ୍ଷିକ ବୈଠକରୁ ମିଳିଲାନି କୌଣସି ସୁଫଳ

ଏ ନେଇ ପ୍ରଜାସଂଘ ସଭାପତି କୁହନ୍ତି, ବନ୍ଦ ପଡ଼ିଥିବା କମ୍ପାନୀରୁ ଠିକାସଂସ୍ଥା ଜରିଆରେ ଲୁହା କାଟି ନେଇଯିବା ପାଇଁ ଆରମ୍ଭ ହୋଇଥିବା ପ୍ରକ୍ରିୟାକୁ କ୍ଷତିଗ୍ରସ୍ତ ପ୍ରଜାସଂଘ ଓ ସ୍ଥାନୀୟ ଅଞ୍ଚଳବାସୀ ବିରୋଧ କରୁଛନ୍ତି। ଏ ନେଇ ଆଲୋଚନା ପାଇଁ ଜିଲାପାଳ ଡାକିଥିଲେ। ଅଧିକାରୀଙ୍କ ଆଗରେ ଜମିହରାଙ୍କ ଦାବି ଉପସ୍ଥାପନ କରାଯାଇଛି। କ୍ଷତିପୂରଣରୁ ବଞ୍ଚିତ ଜମି ମାଲିକଙ୍କୁ ତୁରନ୍ତ ଟଙ୍କା ପ୍ରଦାନ କରାଯାଉ। ସ୍ଥାନୀୟ ଅଞ୍ଚଳର ଯେଉଁ ଯୁବକମାନଙ୍କୁ ନିଯୁକ୍ତି ପ୍ରତିଶ୍ରୁତି ଦିଆଯାଇଥିଲା, ସେମାନଙ୍କୁ ଥଇଥାନ କରାଯାଉ। ଏହା ନ ହେଲେ ଚାଷୀଙ୍କୁ ସେମାନଙ୍କ ଜମି ଫେରାଇ ଦିଆଯାଉ। ଠିକାଦାରି ଏବଂ ଏଜେନ୍ସି ମାଧ୍ୟମରେ କମ୍ପାନୀରେ କାର୍ଯ୍ୟ କରୁଥିବା ଲୋକଙ୍କ ବକେୟା ପ୍ରାପ୍ୟ ତୁରନ୍ତ ଫେରସ୍ତ କରାଯିବା ଜରୁରୀ। ଜିଲାପାଳ ଦାବି ଶୁଣିଛନ୍ତି। ଅକ୍ଟୋବରରେ ପୁଣି ଏକ ତ୍ରିପାକ୍ଷିକ ବୈଠକ ବସିବ। ଏଥିରେ ସମସ୍ତ ବିଷୟରେ ପୁନର୍ବାର ଆଲୋଚନା ହେବ ବୋଲି ସେ କହିଛନ୍ତି।

**୮ ପଜିଟିଭ୍ ଚିହ୍ନଟ**

**ଅନୁଗୋଳ ଅଫିସ:** ଅନୁଗୋଳ ଜିଲାରୁ ବୁଧବାର ୮ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୪ ହଜାର ୩୪୯ରେ ପହଞ୍ଚିଛି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଅନୁଗୋଳ ବ୍ଲକ ଅଞ୍ଚଳରୁ ୪ଜଣ, ଛେଣ୍ଡିପଦା ବ୍ଲକ ଅଞ୍ଚଳରୁ ୩ ଓ ବଅଁରପାଳରୁ ଜଣେ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୮ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି।

## ସଂକ୍ଷେପରେ

### ପୋଡ଼ିଯାଇ ଯୁବକ ଗୁରୁତର

**ଅନୁଗୋଳ ଅଫିସ,୨୯।୯:** ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ଗଳବାହଳ ଗ୍ରାମର ବିଜୟ ନାଏକ(୪୬) ବୁଧବାର ଚୁଲିରେ ବସିଥିବା ଭାତ ହାଣ୍ଡି ଉପରେ ପଡ଼ି ଗୁରୁତର ହୋଇଛନ୍ତି। ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ଗାଁରେ ବିଜୟଙ୍କ ଏକ ଦୋକାନ ରହିଛି। ସେ ଦୋକାନ ବନ୍ଦ କରି ଅପରାହ୍ନ ୩ଟା ବେଳେ ଘରେ ପହଞ୍ଚିଥିଲେ। ହେଲେ ଅସାବଧାନତା କାରଣରୁ ଚୁଲିରେ ବସିଥିବା ଭାତ ହାଣ୍ଡି ଉପରେ ପଡ଼ିଯାଇଥିଲେ। ତାଙ୍କ ଦୁଇଟି ଯାକ ଗୋଡ଼ ଗୁରୁତର ଭାବେ ପୋଡ଼ି ଯାଇଥିବା ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ସୂତ୍ରରୁ ଜଣାପଡ଼ିଛି।

### ଶିଶୁ ଶ୍ରମିକ ଉଦ୍ଧାର

**ଅନୁଗୋଳ ଅଫିସ,୨୯।୯:** ଅନୁଗୋଳ ଜିଲା ସହକାରୀ ଶ୍ରମ ଅଧିକାରୀ ଦେବପ୍ରସାଦ ପଟ୍ଟନାୟକ ବୁଧବାର ବଡ଼କେରା ନିକଟ ଏକ ହୋଟେଲରୁ ଜଣେ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛନ୍ତି। ତାଙ୍କୁ ଶିଶୁ ମଙ୍ଗଳ କମିଟିରେ ହାଜର କରାଯାଇଥିବାବେଳେ ଗୁରୁବାର ଅଭିଭାବକ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ଜିଲାର ବିଭିନ୍ନ ସ୍ଥାନରେ ବହୁ ଶିଶୁ ଶ୍ରମିକ କାର୍ଯ୍ୟ କରୁଥିବା ନେଇ ଚାଇଲ୍ଡ ଲାଇନରେ ଅଭିଯୋଗ ହୋଇଥିଲା। ଚାଇଲ୍ଡ ଲାଇନ୍ ପକ୍ଷରୁ ଶ୍ରମ ବିଭାଗକୁ ଅବଗତ କରାଯିବା ପରେ ଶ୍ରମ ଅଧିକାରୀଙ୍କ ପକ୍ଷରୁ ଚଢ଼ାଉ କରାଯାଉଛି। ସହକାରୀ ଶ୍ରମ ଅଧିକାରୀ ପଟ୍ଟନାୟକ କହିଛନ୍ତି, ଶିଶୁ ଓ କିଶୋର ଶ୍ରମିକ ନିଷେଧ ଓ ନିୟନ୍ତ୍ରଣ ଆଇନ ଅନୁସାରେ ୧୪ ବର୍ଷରୁ କମ୍ ଶିଶୁଙ୍କୁ କୌଣସି କାମରେ ନିୟୋଜିତ କରାଯିବା ଦଣ୍ଡନୀୟ ଅପରାଧ। ଏଥିରେ ଉଲ୍ଲଂଘନ ହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଓ ଜେଲଦଣ୍ଡର ବ୍ୟବସ୍ଥା ରହିଛି।

### ବିଜେଡିରେ ଯୋଗଦେଲେ ୪୦ କର୍ମୀ

**କଣିହାଁ,୨୯।୯(ଡି.ଏନ.ଏ.):** କଣିହାଁ ବ୍ଲକ ଡେରେଙ୍ଗ ପଞ୍ଚାୟତ ବିଜୁ ଜନତା ଦଳର ସାଙ୍ଗଠନିକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ପଞ୍ଚାୟତ ସଭାପତି ପୁରୁଷୋତ୍ତମ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଳ ଯୋଗଦେଇ ୱାର୍ଡସ୍ତରରୁ କିଭଳି ଦଳକୁ ଆହୁରି ସୁଦୃଢ଼ କରିହେବ ଏବଂ ସରକାରଙ୍କ ଯୋଜନାଗୁଡ଼ିକର ସୁଫଳ ଲୋକେ ପାଇପାରିବେ, ସେ ବିଷୟରେ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୪୦ ଜଣ କର୍ମୀ ବିଜୁ ଜନତା ଦଳରେ ଯୋଗଦାନ କରିଥିଲେ। କଣିହାଁ ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ହିମାଚଳ ପଣ୍ଡା, ୮ନଂ. ଜୋନ ପର୍ଯ୍ୟବେକ୍ଷକ ସୁବାସ ଚନ୍ଦ୍ର ମହାନ୍ତି, ଆବାହକ ଜିତେନ୍ଦ୍ର ବିଶ୍ୱାଳ, ଜୟନ୍ତ ପ୍ରଧାନ, ପଞ୍ଚାୟତ ପର୍ଯ୍ୟବେକ୍ଷକ ବାବୁଲା ପ୍ରଧାନ, ସରପଞ୍ଚ ମୁକେଶ ସାହୁ, ସୁଶାନ୍ତ ସାହୁ, ଲିଙ୍ଗରାଜ ସାହୁ, ଯୁଗଳ କିଶୋର ସାହୁ, ବିଷ୍ଣୁ ଚରଣ ସାହୁ ସଭା ପରିଚାଳନା କରିଥିଲେ।

### ବାଇକ୍‌ରୁ ପଡ଼ି ମହିଳା ମୃତ

**ଛେଣ୍ଡିପଦା,୨୯।୯(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ବରସାହି ପଞ୍ଚାୟତ ଚନ୍ଦନ ପଡିଆ ନିକଟରେ ବୁଧବାର ମୋଟର ସାଇକେଲରୁ ପଡି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ଘଟଣାରୁ ପ୍ରକାଶ, ବରସାହି ପଞ୍ଚାୟତ ବୁଢ଼ାସାହି ଗ୍ରାମର ସଂସାର ମାଝି ଏକ ବାଇକ୍‌ରେ ଖମାର ଗ୍ରାମର ମନ୍ଦିର ଛକ ନିକଟରୁ ଶ୍ରୀମତୀ ବାଘ (୪୮)ଙ୍କୁ ବସାଇ ଚନ୍ଦନ ପଡିଆ ଛକ ଆଡକୁ ଆସୁଥିବା ବେଳେ ଭାରସାମ୍ୟ ହରାଇ ଛକ ନିକଟରେ ପଡିଯାଇଥିଲେ। ଫଳରେ ଶ୍ରୀମତୀଙ୍କ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକମାନେ ୧୦୮ ଆମ୍ବୁଲାନ୍ସରେ ଶ୍ରୀମତୀଙ୍କୁ ଜିଲା ମୁଖ୍ୟଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବରପାଇ ଅନୁଗୋଳ ଥାନା ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ଇ-ଶ୍ରମ କାର୍ଡ ପାଇଁ ଅର୍ଥ ଆଦାୟ ଅଭିଯୋଗ

**ବଇଣ୍ଡା,୨୯।୯(ଡି.ଏନ.ଏ.):** ଶ୍ରମିକ ଓ ଗରିବ ଚାଷୀମାନଙ୍କୁ ସରକାରଙ୍କ ବିଭିନ୍ନ ସୁବିଧା ଯୋଗାଇଦେବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଇ-ଶ୍ରମ କାର୍ଡ ବ୍ୟବସ୍ଥା କରାଯାଇଛି। ଏହି କାର୍ଡ ଯୋଗାଇଦେବା ପାଇଁ ସରକାରୀ ସ୍ତରରେ ଜନସେବା କେନ୍ଦ୍ରଗୁଡ଼ିକୁ ଅନୁମତି ମିଳିଛି। କିନ୍ତୁ କିଶୋରନଗର ବ୍ଲକ ଅଞ୍ଚଳର ବଇଣ୍ଡା ସହ ବିଭିନ୍ନ ଗ୍ରାମରେ କେତେଜଣ ଯୁବକ ବୁଲି ବୁଲି ଶ୍ରମିକମାନଙ୍କ ଠାରୁ ଏଥିପାଇଁ ଅର୍ଥ ଆଦାୟ କରୁଥିବା ସାଧାରଣରେ ଅଭିଯୋଗ ହେଉଛି। ଗୋଟିଏ କାର୍ଡ ପିଛା ୧୫୦ ଟଙ୍କା ଆଦାୟ କରୁଥିବା ଜଣାପଡ଼ିଛି। ସେହିପରି ଆଧାର କାର୍ଡରେ ଫୋନ ନମ୍ବର ଲିଙ୍କ୍ କରିବା ପାଇଁ ମଧ ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ହେଉଛି। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ବଇଣ୍ଡା ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରା କହିଛନ୍ତି, ଜିଲା ଶ୍ରମ ଅଧିକାରୀଙ୍କ ସହ ଆଲୋଚନା କରି ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବ।

# ପ୍ରକମ୍ପିତ ହେବନି ପୂଜାମଣ୍ଡପ



- ପରମ୍ପରାରେ ସୀମିତ ରହିବ ନାଲ୍‌କୋ କଲୋନୀ ଦୁର୍ଗାପୂଜା
- ମା'ଙ୍କୁ ଦର୍ଶନ କରିପାରିବେନି ଶ୍ରଦ୍ଧାଳୁ
- କୋଭିଡ୍ କଟକଣା ମଧ୍ୟରେ କରାଯିବ ପାଳନ

**ବଅଁରପାଳ,୨୯।୯(ଡି.ଏନ.ଏ.)**

ବିଶ୍ୱକର୍ମା ପୂଜାର ମାତ୍ର କେଇ ଦିନ ପରେ ପୁଣି ଚଳଚଞ୍ଚଳ ହୋଇଉଠେ ନାଲ୍‌କୋ କଲୋନୀ। ସାର୍ବଜନୀନ ପୂଜା କମିଟି ପକ୍ଷରୁ ଏଠାରେ ଧୁମ୍‌ଧାମରେ କରାଯାଏ ମା' ଦୁର୍ଗାଙ୍କ ପୂଜା। ଆକର୍ଷଣୀୟ ମେଢ଼ ସହ ଉଚ୍ଚକୋଟୀର ସାଜସଜ୍ଜା ସମସ୍ତଙ୍କୁ ଚମତ୍କୃତ କରିଦିଏ। ଅଷ୍ଟମୀ ଠାରୁ ଭସାଣି ଯାଏ ବେଶ୍ ଆଡମ୍ବରପୂର୍ଣ୍ଣ ହୋଇଥାଏ ଏହି ପୂଜା। ମାତ୍ର ଗତବର୍ଷ ପରି ଚଳିତବର୍ଷ ମଧ ନିରାଡମ୍ବରରେ ଦୁର୍ଗାପୂଜା ପାଳନ କରାଯିବ। ଝଲମଲ କରିବନି ନାଲ୍‌କୋ କଲୋନୀ କି ବାଦ୍ୟ ବାଜଣାରେ ପ୍ରକମ୍ପିତ ହେବନି ପୂଜାମଣ୍ଡପ। କୋଭିଡ୍ କଟକଣା ମଧ୍ୟରେ କେବଳ ପରମ୍ପରା ରକ୍ଷା ପାଇଁ ପୂଜା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

ନାଲ୍‌କୋ କଲୋନୀରେ ମା' ଦୁର୍ଗାଙ୍କ ପୂଜା ବେଶ୍ ପୁରୁଣା। ଦୀର୍ଘ ୩୬ ବର୍ଷ ହେଲା ସାର୍ବଜନୀନ ପୂଜା କମିଟି ପକ୍ଷରୁ ଏହି ପରମ୍ପରା ରକ୍ଷା କରାଯାଇ ଆସିଛି। କରୋନା ସମୟ ହୋଇ ନ ଥିଲେ ଏତେବେଳକୁ ପ୍ରସ୍ତୁତି ପର୍ବ ଜୋର୍ ଧରିଥାନ୍ତା। ରାଜ୍ୟ ବାହାରୁ କାରିଗରମାନେ ଆସି ମା'ଙ୍କ ମୂର୍ତ୍ତିଠାରୁ ଆରମ୍ଭ କରି ମଣ୍ଡପ ଯାଏ ସବୁକିଛି ନିର୍ମାଣରେ ଲାଗିପଡ଼ିଥାନ୍ତେ। ଦୋଳି, ମିନାବଜାର ସହ ବିଭିନ୍ନ ମେଳା ପାଇଁ ସ୍ଥାନ ଚୟନ ଶେଷ ପର୍ଯ୍ୟାୟରେ ପହଞ୍ଚିଥାନ୍ତା। କିନ୍ତୁ ଦୁଇବର୍ଷ ହେଲା କୋଭିଡ୍ ସଂକ୍ରମଣକୁ ଲକ୍ଷ୍ୟରେ ରଖି ରାଜ୍ୟ ସରକାର ଧୁମ୍‌ଧାମରେ ପୂଜା ପାଇଁ ଅନୁମତି ଦେଉନାହାନ୍ତି। ଏହାକୁ ନେଇ ଶ୍ରଦ୍ଧାଳୁମାନେ ମନ ଊଣା କରୁଥିବା ବେଳେ ଶହ ଶହ ଉଠା ଦୋକାନୀ, ବ୍ୟବସାୟୀ ନିରାଶ ହୋଇଛନ୍ତି। ସେହିପରି ମା'ଙ୍କ ନିକଟରେ ଅଷ୍ଟମୀ ବ୍ରତ କରୁଥିବା କଲୋନୀ ଓ ଆଖପାଖ ଅଞ୍ଚଳର ସହସ୍ରାଧିକ ବ୍ରତଧାରୀ ଚିନ୍ତାରେ ପଡ଼ିଛନ୍ତି। ପ୍ରତିବର୍ଷ ମା'ଙ୍କ ମହାଷ୍ଟମୀ ପୂଜାବେଳେ ମହିଳା ଶ୍ରଦ୍ଧାଳୁମାନଙ୍କ ବହୁଳ ସମାଗମ ହୋଇଥାଏ। ଘଣ୍ଟ, ବାଜା, ଶଙ୍ଖ, ହୁଳହୁଳି ଧ୍ୱନିରେ ନାଲ୍‌କୋ କଲୋନୀ ପ୍ରକମ୍ପିତ ହୋଇଉଠିଥାଏ। ଚଳିତବର୍ଷ କରୋନା ସ୍ଥିତିରେ ଉଲ୍ଲେଖନୀୟ ସୁଧାର ଦେଖିବାକୁ ମିଳିଥିବାରୁ ସମସ୍ତେ କଟକଣା କୋହଳ ନେଇ ଆଶାବାଦୀ ଥିଲେ। ହେଲେ ସରକାର ସାଧାରଣ ଦର୍ଶନକୁ ସବୁଜ ସଂକେତ ଦେଲେ ନାହିଁ। ମାତ୍ର ୭ ଜଣଙ୍କ ଉପସ୍ଥିତିରେ ପୂଜା ପାଇଁ ଅନୁମତି ଦିଆଯାଇଥିବାରୁ ଆବଦ୍ଧ ମଣ୍ଡପରେ ପରମ୍ପରା ରକ୍ଷା ପାଇଁ କେବଳ ପୂଜା କରାଯିବ ବୋଲି ପ୍ରସ୍ତୁତି ବୈଠକରେ ସ୍ଥିର କରାଯାଇଛି।

**ନିରାଡ଼ମ୍ବରରେ ହେବ ପୂଜା**



"ପ୍ରତିବର୍ଷ ନାଲ୍‌କୋ କଲୋନୀରେ ବେଶ୍ ଧୁମ୍‌ଧାମରେ ପୂଜା ପାଳନ ହୋଇଥାଏ। ହେଲେ ଦୁଇ ବର୍ଷ ହେଲା କରୋନା ଏଥିରେ ବାଧକ ସାଜିଛି। ତେଣୁ ସରକାରଙ୍କ କୋଭିଡ୍ କଟକଣା ମାନି ପୂଜାକୁ ନିରାଡ଼ମ୍ବରରେ ପାଳନ କରାଯିବ। ୪ ଫୁଟ ଉଚ୍ଚତା ମଧ୍ୟରେ ମା'ଙ୍କ ମୂର୍ତ୍ତି ନିର୍ମାଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ନାହିଁ।

-ମଣିରଞ୍ଜନ ପଟ୍ଟନାୟକ, ପୂଜା କମିଟି ସଭାପତି

**ସାଜସଜ୍ଜା କରାଯିବ ନାହିଁ**



"ନାଲ୍‌କୋ କଲୋନୀରେ ଦୀର୍ଘବର୍ଷ ହେଲା ଦୁର୍ଗାପୂଜା ପାଳିତ ହୋଇଆସୁଛି। ଏଥର ମଧ ପରମ୍ପରା ଅନୁଯାୟୀ ପୂଜା କରାଯିବ। କିନ୍ତୁ କରୋନା କଟକଣା ପାଇଁ ସାଜସଜ୍ଜା ଓ ସାଧାରଣ ଦର୍ଶନ ବ୍ୟବସ୍ଥା କରାଯିବ ନାହିଁ। ଆବଦ୍ଧ ମଣ୍ଡପରେ ମାତ୍ର ୭ ଜଣଙ୍କ ଉପସ୍ଥିତିରେ ମା'ଙ୍କ ପୂଜା ବିଧି ମୁତାବକ ଜାରି ରହିବ।

-ସୁନୀଲ ମହାପାତ୍ର, ଏଜିଏମ୍, ନାଲ୍‌କୋ

**ସାଧାରଣ ଦର୍ଶନ ବନ୍ଦ**



"ବିଶ୍ୱକର୍ମା ପୂଜା ପରି ନାଲ୍‌କୋ କଲୋନୀରେ ଦୁର୍ଗାପୂଜା ମହା ଆଡ଼ମ୍ବରରେ କରାଯାଇଥାଏ। ଆକର୍ଷଣୀୟ ମଣ୍ଡପରେ ମା'ଙ୍କ ଦର୍ଶନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ହଜାର ହଜାର ଲୋକଙ୍କ ସମାଗମ ହୁଏ। ହେଲେ ଦ୍ୱିତୀୟ ବର୍ଷ ପାଇଁ ମହାମାରୀ କୋଭିଡ୍ ଯୋଗୁ ଶ୍ରଦ୍ଧାଳୁମାନେ ମା'ଙ୍କ ଦିବ୍ୟ ଦର୍ଶନରୁ ବଞ୍ଚିତ ରହିବେ।

-ମନୋଜ ସ୍ୱାଇଁ, ଶ୍ରମିକ ନେତା

**ଅଷ୍ଟମୀ ବ୍ରତ ପାଇଁ ହେବନି ଭିଡ଼**



"ନାଲ୍‌କୋ କଲୋନୀରେ ପୂଜାର ସ୍ୱତନ୍ତ୍ରତା ହେଲା ମା'ଙ୍କ ଅଷ୍ଟମୀ ପୂଜା। ଏହି ଦିନ ଆଖପାଖ ଅଞ୍ଚଳର ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ବ୍ରତଧାରୀଙ୍କ ଉପସ୍ଥିତିରେ ଅଷ୍ଟମୀ ପୂଜା ହୋଇଥାଏ। ଶଙ୍ଖ ଓ ହୁଳହୁଳି ଧ୍ୱନିରେ କଲୋନୀ ପରିସରରେ ଆଧ୍ୟାତ୍ମିକ ବାତାବରଣ ଖେଳିଯାଇଥାଏ। ହେଲେ ଚଳିତବର୍ଷ ସେହି ଭିଡ଼ ଦେଖିବାକୁ ମିଳିବନି।

-ଦୀପକ ସାମଲ, ପୂଜା କମିଟି ସଭ୍ୟ

# ନାବାଳିକା ଭଉଣୀ ଗିରଫ

**ଖମାର,୨୯।୯(ଡି.ଏନ.ଏ.)**

**ମହିଳାଙ୍କ ହତ୍ୟା ଘଟଣାର ପର୍ଦ୍ଦାଫାଶ**

ପାଲଲହଡ଼ା ଉପଖଣ୍ଡ ଖମାର ଥାନା ଅଞ୍ଚଳରେ ଗତ ୨୭ ତାରିଖ ରାତିରେ ହୋଇଥିବା ମହିଳାଙ୍କ ହତ୍ୟା ଘଟଣା ଉପରୁ ବୁଧବାର ପରଦା ଉଠାଇଛି ପୋଲିସ। ପୁରୁଷ ବନ୍ଧୁଙ୍କ ସହ ମୋବାଇଲରେ କଥା ହେବାକୁ ବିରୋଧ କରିବାରୁ ବଡ଼ ଭଉଣୀ କୁମାରୀ ଶୁଣ୍ଡି (୨୫)ଙ୍କ ତଣ୍ଟିକୁ ହାଣି ନାବାଳିକା ସାନ ଭଉଣୀ ହତ୍ୟା କରିଥିବା ପୋଲିସ ସୂଚନା ଦେଇଛି। ଥାନା ଅଧିକାରୀ ଜ୍ଞାନ ରଞ୍ଜନ ସାମଲ କହିଛନ୍ତି, ମୃତ କୁମାରୀଙ୍କ ସ୍ୱାମୀ ଟିକେଶ୍ୱର ଶୁଣ୍ଡି ଖମାର ଥାନାରେ ଅଭିଯୋଗ କରିଥିଲେ। କୁମାରୀଙ୍କ ଭଉଣୀ ହିଁ ଏହି ହତ୍ୟାକାଣ୍ଡ ଘଟାଇଥିବା ଟିକେଶ୍ୱର ସନ୍ଦେହ କରିଥିଲେ। ତଦନୁଯାୟୀ ମଙ୍ଗଳବାର ସମ୍ପୃକ୍ତା ନାବାଳିକାଙ୍କୁ ଅଟକ ରଖାଯାଇ ତଦନ୍ତ କରାଯାଉଥିଲା। ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁରର ସହାୟତା ନିଆଯାଇଥିଲା। ନାବାଳିକା ଭଉଣୀ ଏହି ହତ୍ୟାକାଣ୍ଡ ଘଟାଇଥିବା ସ୍ୱୀକାର କରିବା ସହ ଛେଳି କୋଠିରେ ଲୁଚାଇ ରଖିଥିବା ଟାଙ୍ଗିଆ, ରକ୍ତଭିଜା କପଡ଼ା ସମ୍ପର୍କରେ ସୂଚନା ଦେଇଥିଲେ। ପରେ ପୋଲିସ ତାଙ୍କୁ ନେଇ ଘଟଣା କିପରି ଘଟାଇଲେ ତାହାର ତଦନ୍ତ କରିଥିଲା। ନଂ. ୧୭୬/୨୦୨୧ ମାମଲାରେ ଗିରଫ ପରେ ନାବାଳିକାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସାମଲ ପ୍ରକାଶ କରିଛନ୍ତି।

# ଫେସ୍ ଆଟେଣ୍ଡାନ୍ସକୁ ବିରୋଧ




ଶ୍ରମିକ ନେତାମାନେ ବିରୋଧ ପ୍ରଦର୍ଶନ କରୁଛନ୍ତି।

**ବଅଁରପାଳ,୨୯।୯(ଡି.ଏନ.ଏ.)**

ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟରେ ବାୟୋମେଟ୍ରିକ ପଦ୍ଧତିରେ ଫେସ୍ ଆଟେଣ୍ଡାନ୍ସ ନିଆଯିବା ଯୋଜନାକୁ ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ବିରୋଧ କରାଯାଇଛି। ନାଲ୍‌କୋ କର୍ତ୍ତୃପକ୍ଷ କୌଣସି ଶ୍ରମିକ ସଙ୍ଗଠନ ସହ ଆଲୋଚନା ନ କରି ଏକତରଫା ଭାବେ ଏଭଳି ପଦକ୍ଷେପ ନେଇଥିବା ଶ୍ରମିକ ନେତାମାନେ ଅଭିଯୋଗ କରିଛନ୍ତି। ଏହି ଅବସରରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ପ୍ଲାଣ୍ଟ ପରିସରରେ ବୁଧବାର ସକାଳେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ନେସ୍ ସାଧାରଣ ସମ୍ପାଦକ ନିର୍ମଳ ସାମଲ, କାର୍ଯ୍ୟକାରୀ ସଭାପତି ମଳୟ ସ୍ୱାଇଁ, ବିଜନ ଦଳବେହେରା, ଅଟଳବିହାରୀ ଷଡଙ୍ଗୀ, ମିଲୁ ଧୀର, ଆଲୁମିନିୟମ ମଜଦୁର ସଂଘ ସାଧରଣ ସମ୍ପାଦକ ରମେଶ ଚନ୍ଦ୍ର ବେହେରା, ବିନୋଦ ସାମଲ, ନେପୁ ସାଧାରଣ ସମ୍ପାଦକ ବୈରାଗୀ ସେଠ, ଜିତେନ୍ଦ୍ର ଜେନା, ଅଜୟ ଦାସ, ସ୍ୱରୂପ ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଜଳ ଜୀବନ ମିଶନ ପ୍ରାରମ୍ଭିକ ବୈଠକ




ବୈଠକରେ ଉପସ୍ଥିତ ଅଧିକାରୀମାନେ।

**ବଇଣ୍ଡା,୨୯।୯(ଡି.ଏନ.ଏ.)**

କିଶୋରନଗର ବ୍ଲକ ସଭାଗୃହ ପରିସରରେ ବୁଧବାର ବ୍ଲକସ୍ତରୀୟ ଜଳ ଜୀବନ ମିଶନ ପ୍ରାରମ୍ଭିକ ବୈଠକ ସହ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଯୁବକେନ୍ଦ୍ର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏବିଡିଓ ଜ୍ୟାତି ରଞ୍ଜନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ପାନୀୟ ଜଳର ଆବଶ୍ୟକତା, ସରକାରଙ୍କ ସମସ୍ତ ଯୋଜନାର ସଫଳ ରୂପାୟନ ପାଇଁ ଗ୍ରାମବାସୀ, ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥି ଭାବେ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଶରତ ଚନ୍ଦ୍ର ବିଶ୍ୱାଳ ଯୋଗଦେଇ ୨୦୨୪ ମସିହା ସୁଦ୍ଧା କିଶୋରନଗର ବ୍ଲକର ସମସ୍ତ ଗ୍ରାମକୁ ପାଇପ୍ ପାଣି ଯୋଗାଇବାର ଲକ୍ଷ୍ୟ ପ୍ରଶାସନ ପକ୍ଷରୁ ରଖାଯାଇଛି ବୋଲି କହିଥିଲେ। ସିଇଡି ଅନୁଷ୍ଠାନ ଜିଲା ମୁଖ୍ୟ ମାନସ ରଞ୍ଜନ ସାହୁ, ବ୍ଲକର ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଳେ ବିଶ୍ୱଯୁବକେନ୍ଦ୍ରର ରଞ୍ଜିତା ଧଳ, ଅଭୟ ସ୍ୱାଇଁ, ବାବାଜୀ ଚରଣ ବେହେରା ସହଯୋଗ କରିଥିଲେ।

# ସାପ କାମୁଡ଼ାରେ ୨ ମୃତ

**ଅନୁଗୋଳ ଅଫିସ,୨୯।୯**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ବୁଧବାର ୨ ଜଣ ସାପ କାମୁଡ଼ା ରୋଗୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଢେଙ୍କାନାଳ ଜିଲା ବାଲିମୀ ଥାନା ପାଟଲା ଗ୍ରାମର ପ୍ରଦୀପ କୁମାର ସାହୁ(୨୬) ଓ ଆଠମଲ୍ଲିକ ଅଞ୍ଚଳର ସମ୍ବାରୁ ଝଙ୍କାର ବୋଲି ମେଡିକାଲ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ମଙ୍ଗଳବାର ରାତିରେ ପ୍ରଦୀପ ଶୋଇଥିବା ବେଳେ ବିଳମ୍ବିତ ରାତିରେ ସାପ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସା ଚାଲିଥିବାବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ସେହିପରି ସମ୍ବାରୁଙ୍କୁ ମଙ୍ଗଳବାର ରାତିରେ ଏକ ବିଷାକ୍ତ ସାପ କାମୁଡି ଦେବାରୁ ପରିବାର ଲୋକେ ତାଙ୍କୁ ପ୍ରଥମେ ଆଠମଲ୍ଲିକ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଅନୁଗୋଳ ପୋଲିସ ଅପମୃତ୍ୟୁ ମାମଲା ରୁଜୁକରିବା ସହ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# କଣିହାଁରେ 'ଆଶୀର୍ବାଦ' କ୍ୟାମ୍ପ



ଆଶୀର୍ବାଦ ଯୋଜନାରେ ଶିଶୁମାନଙ୍କ ନାମ ପଞ୍ଜୀକରଣ ପାଇଁ କଣିହାଁସ୍ଥିତ କ୍ୟାମ୍ପକୁ ଆସିଥିବା ବ୍ଲକ ଅଞ୍ଚଳବାସୀ।

**ଅନୁଗୋଳ ଅଫିସ,୨୯।୯**

କୋଭିଡ୍ ମହାମାରୀରେ ମା' ବାପା କିମ୍ବା ସେମାନଙ୍କ ମଧ୍ୟରୁ ଜଣଙ୍କୁ ହରାଇଥିବା ଶିଶୁଙ୍କୁ ଚିହ୍ନଟ କରି ସରକାରଙ୍କ ଆଶୀର୍ବାଦ ଯୋଜନାରେ ସାମିଲ ପାଇଁ ଅନୁଗୋଳ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରାଙ୍କ ଅଧକ୍ଷତାରେ ବୁଧବାର କଣିହାଁଠାରେ ଏକ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। କଣିହାଁ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟରେ ହୋଇଥିବା ଏହି କ୍ୟାମ୍ପରେ ବ୍ଲକ ଅଞ୍ଚଳର ୮୦ ପରିବାରରୁ ୧୩୨ ଜଣ ଶିଶୁଙ୍କୁ ଆଶୀର୍ବାଦ ଯୋଜନାରେ ସାମିଲ ନିମନ୍ତେ ଆବେଦନପତ୍ର ସହିତ ଆବଶ୍ୟକ କାଗଜପତ୍ର ଗ୍ରହଣ କରାଯାଇଥିଲା। ଉକ୍ତ କ୍ୟାମ୍ପରେ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଝୁନୁବାଳା ଦେଇ, ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ଝରଣା ନାୟକ, ଦିଲୀପ ନାୟକ, ଛଇଳ ମଲ୍ଲିକ, ସତ୍ୟାନନ୍ଦ ସାହୁ, ପାଲଲହଡ଼ା ଚାଇଲ୍ଡ ଲାଇନର ଟିମ୍ ଲିଡର କାଜଲ ପ୍ରଧାନ, ମନ୍ଦୋଦରୀ ସାହୁ, ଅନୁଗୋଳ ଚାଇଲ୍ଡ ଲାଇନ କାଉନସେଲର ପୂଜା ସ୍ୱାଇଁ, କଣିହାଁ ଆଇସିଡିଏସ୍ ସୁପରଭାଇଜର ପୁଷ୍ପାରାଣୀ ସାହୁ, ସୁପ୍ରିୟା ନାୟକ, ରୋହନ ବିଶ୍ୱାଳ, ସୁନୀଲ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାର ସମସ୍ତ ଯୋଗ୍ୟ ହିତାଧିକାରୀ କିପରି ଏହି ଯୋଜନାରେ ଶୀଘ୍ର ସାମିଲ ହେବେ ସେ ନେଇ ବିଭିନ୍ନ ବ୍ଲକରେ କ୍ୟାମ୍ପ ଜାରି ରଖାଯିବ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା ପ୍ରକାଶ କରିଛନ୍ତି।

# ନିର୍ମାଣ ହେଉନି ସୁରକ୍ଷା ବାଡ଼



ପୋଲ ଉପରେ ଥିବା ସୁରକ୍ଷା ବାଡ଼ ଭାଙ୍ଗିଯାଇଛି।

**ବଇଣ୍ଡା,୨୯।୯(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ନାକ୍ସିରୋଡରୁ ନାକ୍ସିକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ବନମାଳୀପୁର ଠାରେ ଥିବା ପୋଲର ସୁରକ୍ଷା ବାଡ଼ ଦୀର୍ଘ ବର୍ଷ ହେବ ଭାଙ୍ଗିଯାଇଛି। ନୂତନ ସୁରକ୍ଷା ବାଡ଼ ନିର୍ମାଣ କରାଯାଉ ନ ଥିବାରୁ ଲୋକମାନେ ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି। ଏ ନେଇ ବନମାଳୀପୁର ଗ୍ରାମବାସୀ ବୁଧବାର ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀ କହିଛନ୍ତି, ପୂର୍ତ୍ତ ବିଭାଗ ଅଧୀନରେ ଏହି ରାସ୍ତା ଓ ପୋଲ ରହିଥିବାବେଳେ ସୁରକ୍ଷା ବାଡ ଦୀର୍ଘ ୩ ବର୍ଷ ହେବ ଭାଙ୍ଗିଯାଇଛି। ଏହି କାରଣରୁ ଫେବୃୟାରୀ ୨୦୨୦ରେ ଏକ ଗାଈ ଉକ୍ତ ପୋଲ ତଳକୁ ଖସି ପ୍ରାଣ ହରାଇଥିଲା। ପରେ ଗ୍ରାମବାସୀ ପୋଲ ପାର୍ଶ୍ୱରେ ବାଉଁଶ ବାଡ଼ା ଦେଇଥିଲେ। ହେଲେ କିଛିଦିନ ପରେ ତାହାକୁ ଚୋରି କରି ନିଆଯାଇଥିଲା। ଲୋକେ ଏହି ପୋଲ ଦେଇ ବିପଦସଂକୁଳ ଅବସ୍ଥାରେ ଯାତାୟାତ କରୁଥିବାରୁ ସୁରକ୍ଷା ବାଡ ନିର୍ମାଣ ପାଇଁ ଗ୍ରାମବାସୀ ଗତ ମାର୍ଚ୍ଚ ୨ ତାରିଖରେ ବଇଣ୍ଡା ପୂର୍ତ୍ତ ବିଭାଗ କାର୍ଯ୍ୟାଳୟଠାରେ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ତୁରନ୍ତ ଏଥିପ୍ରତି ପୂର୍ତ୍ତ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ପୂର୍ତ୍ତବିଭାଗ ଏସ୍‌ଡିଓ ଫକୀର ମୋହନ ସାହୁ କୁହନ୍ତି, ଉକ୍ତ ପୋଲର ସୁରକ୍ଷା ବାଡ ନିର୍ମାଣ ପାଇଁ ତୁରନ୍ତ ପଦକ୍ଷେପ ନିଆଯିବ।

# ସମ୍ପ୍ରସାରଣ ସରୁ ନ ଥିବାରୁ ଅସନ୍ତୋଷ

**ରାଜପଥ କାର୍ଯ୍ୟର ସମୀକ୍ଷା କଲେ ମନ୍ତ୍ରୀ**

**ଅନୁଗୋଳ ଅଫିସ,୨୯।୯**

ରାଜ୍ୟ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ବୁଧବାର ଅନୁଗୋଳ ସର୍କିଟ୍ ହାଉସ୍ ଠାରେ ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। କଦର୍ଯ୍ୟ ହୋଇପଡ଼ିଥିବା ୫୫ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ ଶେଷ ହେଉ ନ ଥିବାରୁ ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବୈଠକରେ ଉପସ୍ଥିତ ଜିଲାପାଳଙ୍କ ପର୍ଯ୍ୟନ୍ତ ସମସ୍ତେ ଅସନ୍ତୋଷ ପ୍ରକାଶ କରିଥିଲେ।

ସୂଚନା ଅନୁଯାୟୀ, ମହୀଧରପୁର ଛକରୁ ନୂଆହତା ଛକ ପର୍ଯ୍ୟନ୍ତ ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏହି ଅଣଓସାରିଆ ରାସ୍ତାରେ ଭାରିଯାନ ଚଳାଚଳ ଯୋଗୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ବଅଁରପାଳ ଛକରୁ ମହୀଧରପୁର ଛକ ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ଏକ ବାଇପାସ୍ ନିର୍ମାଣ କରାଯିବ। ଏଥିପାଇଁ ପ୍ରାୟ ୩୦ରୁ ୩୫ ଏକର ବେସରକାରୀ ଜାଗା ଅଧିଗ୍ରହଣ କରାଯିବ। ଏଥିନେଇ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ସେହିପରି ଆଠଗଡ଼ ଦେଇ ଅନୁଗୋଳ ସହରକୁ ସଂଯୋଗ କରିବାକୁ ଥିବା ରାଜପଥର ମୋଡ ପରିବର୍ତ୍ତନ କରାଯାଇଛି। ମହୀଧରପୁର ଛକରୁ ଏହି ଜାତୀୟ ରାଜପଥକୁ ବଡ଼ଜେରା ଛକରେ ୫୫ ନମ୍ବର ଜାତୀୟ ରାଜପଥରେ ସଂଯୋଗ କରିବାକୁ ମନ୍ତ୍ରୀ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଚିଠି ଲେଖାଯିବ ବୋଲି ମନ୍ତ୍ରୀ ମଲ୍ଲିକ କହିଛନ୍ତି। ସେହିପରି ଟିଟିପିଏସ୍ ଓଭରବ୍ରିଜ୍, ବଅଁରପାଳରୁ ତାଳଚେର ଲିଙ୍ଗରାଜ ପର୍ଯ୍ୟନ୍ତ ରାସ୍ତାର ସମୀକ୍ଷା କରାଯାଇଥିଲା। ଏଥିସହ ବଅଁରପାଳରୁ ଅନୁଗୋଳ ସହର ମଧ୍ୟରେ ୫୫ ନମ୍ବର ଜାତୀୟ ରାଜପଥର ୬ଟି ସ୍ଥାନରେ ଡ୍ରେନେଜ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସାମାନ୍ୟ ବର୍ଷାରେ ରାଜପଥ ଗାଡ଼ିଆ ପାଲଟୁଛି। ଏହି ୬ଟି ସ୍ଥାନକୁ ଉଚ୍ଚା କରି ଡ୍ରେନେଜ ସମସ୍ୟା ସୁଧାରିବାକୁ ମନ୍ତ୍ରୀ ଏନଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଖୁବ୍‌ଶୀଘ୍ର ଟେଣ୍ଡର ପ୍ରକ୍ରିୟା ଶେଷ କରିବାକୁ କହିଥିଲେ। ୫୫ନଂ. ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ବଇଣ୍ଡାଠାରେ ବିଳମ୍ବ ହେଉଥିବାରୁ ଉକ୍ତ ସ୍ଥାନକୁ ଯାଇ ମନ୍ତ୍ରୀ ଓ ବିଧାୟକ ସ୍ଥିତି ଅନୁଧ୍ୟାନ କରିଥିବା ସୂଚନା ମିଳିଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ପାଲଲହଡ଼ା ବିଧାୟକ ମୁକେଶ ପାଳ, ଉପଜିଲାପାଳ ବାସୁଦେବ ଶତପଥୀ, ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ, ଏନ୍‌ଏଚ୍‌ଏଆଇ ଓ ଠିକାସଂସ୍ଥା ଗାୟତ୍ରୀର ପରିଚାଳକ ଗେଲି ଡେବେରା ପଦ୍ମନାଭମଙ୍କ ସହ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ମନ୍ତ୍ରୀଙ୍କ ସହ ବିଧାୟକ ଓ ପ୍ରଶାସନିକ ଅଧିକାରୀମାନେ ସମୀକ୍ଷା କରୁଛନ୍ତି।

